# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07th August – 2026**

**************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ମିଳିଛି ୪୩ ହଜାର ୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ।

- ସଂସଦର ଅନୁମୋଦନ ଲାଭ କଲା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଶୋଧନ ବିଲ୍-୨୦୨୬ ।

- ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ଘୋଷଣାପତ୍ର ସର୍ବସମ୍ମତିକ୍ରମେ ଗୃହୀତ ହେବା ପରେ ଶେଷ ହେଲା ବ୍ରିକ୍ସ ଶିକ୍ଷାମନ୍ତ୍ରୀ ସମ୍ମିଳନୀ ।

ଏବଂ

- ଜାତୀୟ ହସ୍ତତନ୍ତ ଦିବସ ଅବସରରେ ୨୨ ଜଣ ବୁଣାକାରଙ୍କୁ ପୁରସ୍କୃତ କଲେ ରାଷ୍ଟ୍ରପତି ।

***Desk***

# ମୁଖ୍ୟମନ୍ତ୍ରୀ - ଫୁଡ୍ ପ୍ରୋ

ଓଡ଼ିଶାକୁ ଖାଦ୍ୟ ପ୍ରକ୍ରିୟାକରଣର କେନ୍ଦ୍ରସ୍ଥଳୀ ଭାବେ ଗଢି ତୋଳିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଓଡ଼ିଶା ଫୁଡ୍ ପ୍ରୋ. ୨୦୨୬ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଖାଦ୍ୟ ପ୍ରକ୍ରିୟାକରଣ କେବଳ ଏକ ଶିଳ୍ପ ନୁହେଁ; ଏହା କୃଷକଙ୍କ ସମୃଦ୍ଧି, ଗ୍ରାମୀଣ ପରିବର୍ତ୍ତନ ଏବଂ ଓଡ଼ିଶା ଶିଳ୍ପ ଭବିଷ୍ୟତକୁ ଯୋଡ଼ିବାର ଏକ ସେତୁ । ଏହି କ୍ଷେତ୍ରରେ ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରରେ ମୂଲ୍ୟ ସୃଷ୍ଟି କରିବା ସହ ଗ୍ରାମାଞ୍ଚଳରେ ନିଯୁକ୍ତି, ରପ୍ତାନୀ ଏବଂ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

***Voice (CM)*** :......

ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ସହ ୨୭ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଥମ ଦିନରେ ରାଜ୍ୟ ସରକାର ୪୩ ହଜାର ୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି । ଏହାଦ୍ୱାରା ପ୍ରାୟ ୪୩ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ।  ଆସନ୍ତାକାଲି ଗ୍ରେଟର ନୋଏଡାଠାରେ ମଧ୍ୟ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀର ଆୟୋଜନ କରାଯିବ।

*Desk*

# ଏମ୍.ଏସ୍.ଏମ୍.ଇ.

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ସଂଶୋଧନ ବିଲ୍ ୨୦୨୬ ଲୋକସଭାରେ ପାରିତ ହେବା ପରେ ଆଜି ସଂସଦର ଅନୁମୋଦନ ଲାଭ କରିଛି । ଗତ ସୋମବାର ଦିନ ରାଜ୍ୟସଭାରେ ଏହା ପାରିତ ହୋଇଥିଲା । ଦେୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ସରଳୀକରଣ ଏବଂ ଦେୟରେ ହେଉଥିବା ବିଳମ୍ବର ସମାଧାନପାଇଁ ଏହି ବିଲ୍‌ରେ ସଂଶୋଧନ କରାଯାଇଛି ।

*Desk*

# ବ୍ରିକ୍ସ - ଶିକ୍ଷାମନ୍ତ୍ରୀ ସମ୍ମିଳନୀ

ଭୁବନେଶ୍ୱରରେ ଆୟୋଜିତ ୧୩ତମ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ସମ୍ମିଳନୀ ଆଜି ସଫଳତାର ସହ ଶେଷ ହୋଇଛି। ସମ୍ମିଳନୀରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ଘୋଷଣାପତ୍ର ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ସମ୍ମିଳନୀ ପରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଅନ୍ତର୍ଭୁକ୍ତିମୂଳକ, ସ୍ଥିର ଓ ଭବିଷ୍ୟତମୁଖୀ ଶିକ୍ଷା ବ୍ୟବସ୍ଥା ଗଠନ ପାଇଁ ପ୍ରତିଷ୍ଠାନଗତ ସହଯୋଗ, ଦକ୍ଷତା ବିକାଶ ଏବଂ ଜ୍ଞାନର ଆଦାନ-ପ୍ରଦାନକୁ ଆହୁରି ସୁଦୃଢ଼ କରିବାକୁ ପୁନଃ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

***Voice (Joshi)*** :........

ଶ୍ରୀ ଯୋଶୀ କହିଛନ୍ତି, ବ୍ରିକ୍ସ ଗୋଷ୍ଠୀ ଏବଂ ଏହାର ସହଯୋଗୀ ଦେଶଗୁଡ଼ିକ ବିଶ୍ୱର ମୋଟ ଜି.ଡି.ପି.ର ପ୍ରାୟ ୪୦ ପ୍ରତିଶତ ଏବଂ ବିଶ୍ୱ ଜନସଂଖ୍ୟାର ପ୍ରାୟ ୫୦ ପ୍ରତିଶତର ପ୍ରତିନିଧିତ୍ୱ କରୁଛନ୍ତି। ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ 'ସହଯୋଗ ଓ ସ୍ଥାୟୀ ବିକାଶ ପାଇଁ ସ୍ଥିରତା ଏବଂ ନବସୃଜନ' ଥିବାବେଳେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଓ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଘୋଷଣାପତ୍ରରେ ପାଞ୍ଚଟି ପ୍ରମୁଖ ପ୍ରାଥମିକତାକୁ ସ୍ଥାନ ଦିଆଯାଇଛି। ସେଗୁଡ଼ିକ ହେଲା – ପ୍ରାରମ୍ଭିକ ଶିଶୁ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା, ବ୍ରିକ୍ସ ଟି.ଭି.ଇ.ଟି. ସହଯୋଗ ମଞ୍ଚ ମାଧ୍ୟମରେ ଦକ୍ଷତା ବିକାଶକୁ ପ୍ରୋତ୍ସାହନ, ଗବେଷଣା, ନବସୃଜନ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ସହଯୋଗ ବୃଦ୍ଧି, ଶିକ୍ଷାଗତ ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ଏବଂ ଶିକ୍ଷାନୁଷ୍ଠାନର ନେତୃତ୍ୱ ଦକ୍ଷତାର ବିକାଶ।

ବୈଠକରେ ବିଭିନ୍ନ ବିଭାଗର ବିସ୍ତୃତ ଆଲୋଚନା କରାଯାଇ ପ୍ରତ୍ୟେକ ବିଭାଗପାଇଁ ପ୍ରସ୍ତାବିତ କାର୍ଯ୍ୟକ୍ରମ, ରଣନୀତି ଓ ପଦକ୍ଷେପ ସମ୍ପର୍କରେ ମତାମତ ଗ୍ରହଣ କରାଯାଇଥିଲା । ଯୋଜନାର ପ୍ରତ୍ୟେକ କାର୍ଯ୍ୟକଳାପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଚୂଡ଼ାନ୍ତ କରିବା ସହ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

*HS*

# ବାଲି ଖାଦାନ

ରାଜ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଅଧିକ ଦରରେ ବାଲି ବିକ୍ରି ହୋଇପାରିବ ନାହିଁ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଇ-ଲଟେରୀ ଜରିଆରେ ବାଲି ଖାଦାନ ନିଲାମ ହେବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଚୋରାବାଲି କାରବାର ରୋକିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

*Desk*

# ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହିସବୁ ପ୍ରକଳ୍ପଦ୍ୱାରା ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ଯାତାୟତ ଅଧିକ ସୁଗମ ହେବା ସହ ଆର୍ଥିକ ଓ ସାମାଜିକ ପ୍ରଗତି ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

*Desk*

# ହସ୍ତତନ୍ତ ଦିବସ

ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରା ଓ ବୁଣାକାରଙ୍କ ଅବଦାନକୁ ସମ୍ମାନ ଜଣାଇ ଆଜି ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ 'ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ' ପାଳନ ଅବସରରେ ଯୋଗଦେଇ କହିଛନ୍ତି, ହସ୍ତତନ୍ତ କେବଳ ଲୋକଙ୍କ ଜୀବିକାର ମାଧ୍ୟମ ନୁହେଁ; ବରଂ ସାମଗ୍ରିକ ବିକାଶର ଏକ ଶକ୍ତିଶାଳୀ ଉପକରଣ। ଭାରତର ସଂସ୍କୃତି ଏବଂ ସଭ୍ୟତାର ଯାତ୍ରାରେ ହସ୍ତତନ୍ତ ଏକ ପ୍ରମୁଖ ଅଂଶ ହୋଇଆସିଛି। ହସ୍ତତନ୍ତ ମାଧ୍ୟମରେ ଦେଶର ସମୃଦ୍ଧ ଐତିହ୍ୟକୁ ପ୍ରୋତ୍ସାହନ ଦେବା ସହ ନିଯୁକ୍ତି, ମହିଳା ସଶକ୍ତୀକରଣ, କଳା-ସଂସ୍କୃତି ଏବଂ ପ୍ରକୃତି ପ୍ରତି ପ୍ରେମର ପ୍ରଚାର ପ୍ରସାର ହୋଇପାରିଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ତଥା ଆତ୍ମନିର୍ଭରଶୀଳ ଭାରତ ଗଠନରେ ମଧ୍ୟ ହସ୍ତତନ୍ତର ପ୍ରମୁଖ ଭୂମିକା ରହିଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି ଆଜି ୨୦୨୪ ବର୍ଷ ପାଇଁ ୩ ଜଣଙ୍କୁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ୧୯ ଜଣଙ୍କୁ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାର ୨ ଜଣ ବୁଣାକାର ଆଜି ରାଷ୍ଟ୍ରପତିଙ୍କଠାରୁ ସମ୍ମାନ ଗ୍ରହଣ କରିଛନ୍ତି। ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଲାଗି ବରଗଡ଼ ଜିଲ୍ଲା ଅତାବିରା ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମର ରାମ ମେହେର ଏବଂ ଜଗତ୍‌ସିଂହପୁର ଜିଲ୍ଲା ସିଙ୍ଗିପୁର ଗ୍ରାମର ପ୍ରଫୁଲ୍ଲ କୁମାର ସାହୁଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିଛନ୍ତି।

ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟରେ ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଣାକାରମାନଙ୍କୁ ପୁରସ୍କୃତ କରାଯାଇଛି ।

***Sonepur, Deogarh/R***

## ହସ୍ତତନ୍ତ ଦିବସ

ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଭିତରପଦଠାରେ ଢୋକ୍ରା ଶିଳ୍ପୀମାନଙ୍କପାଇଁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆଜି ସାଧାରଣ ସୁବିଧା କେନ୍ଦ୍ର ଓ ପ୍ରଶିକ୍ଷଣ ଗୃହ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ସ୍ଥାନୀୟ ଶିଳ୍ପୀ ଓ କାରିଗରମାନଙ୍କଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଶଂସା କରିବା ସହ ସେଗୁଡ଼ିକର ଗୁଣାତ୍ମକ ମାନ ବୃଦ୍ଧି ଓ ବିକ୍ରି ସମ୍ପର୍କରେ ଆଲୋଚନା କରିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାରେ ମଧ୍ୟ ଜାତୀୟ ହସ୍ତତନ୍ତ ଦିବସ-୨୦୨୬ ପାଳିତ ହୋଇଯାଇଛି ।

*Desk*

# ହସ୍ତତନ୍ତ ଦିବସ – ଆକାଶବାଣୀ

ଆକାଶବାଣୀ, କଟକ କେନ୍ଦ୍ର ପରିସରରେ ଆଜି ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରର ମହିଳା କର୍ମଚାରୀମାନେ ହସ୍ତତନ୍ତ ପୋଷାକ ପରିଧାନ କରିବା ସହ ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ହସ୍ତତନ୍ତ ସାମଗ୍ରୀ କ୍ରୟ ଉପରେ ଗୁରୁତ୍ୱ ଦେଇଥିଲେ।

*Nayagarh/R*

# ଯୌତୁକ ନିରୋଧ ଶିବିର

ନୟାଗଡ଼ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୌତୁକ ନିରୋଧ ଆଇନ, ୧୯୬୧ ସଂକ୍ରାନ୍ତରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

*Deogarh/R*

# ଆପତକାଳୀନ ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଜିଲ୍ଲାରେ ବିଭିନ୍ନ ଦୁର୍ଘଟଣା ଏଡ଼ାଇବା ଏବଂ ଦୁର୍ଘଟଣା ସମୟରେ ଜରୁରୀକାଳୀନ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

*Kendrapara/R*

# ବେଟି ବଚାଓ, ବେଟି ପଢ଼ାଓ

କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ‘ବେଟି ବଚାଓ, ବେଟି ପଢ଼ାଓ’ ଯୋଜନା ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ ଓ ଫଳପ୍ରଦ କରିବା ଦିଗରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

*Jajpur/R*

## ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ

ଯାଜପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ-୨୦୨୬ ଉପଲକ୍ଷେ ଜିଲ୍ଲାସ୍ତରୀୟ ବିଜ୍ଞାନ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାର ୧୦ଟି ବ୍ଲକ୍‌ରୁ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ ।

*Nayagarh/R*

## ମାଈଁ ଭାରତ

ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 'ମାଈଁ ଭାରତ' ଜିଲ୍ଲା ପରାମର୍ଶଦାତା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

***Boudh/R***

# ଏସ୍.ଆଇ.ଆର୍.

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍.ଆଇ.ଆର୍. କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ ।

***Desk***

# ଖରିଫ୍ ଧାନ

ଚଳିତବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସେବା ସମବାୟ ସମିତି କିମ୍ବା ଫୁଡ୍ ଓଡ଼ିଶା ଡଟ୍ ଇନ୍'ରେ ଚାଷୀମାନେ ନାମ ପଞ୍ଜୀକରଣ କରିପାରିବେ। ଏଥିସହ ଆଧାରକାର୍ଡ ଓ ଧାନ ଜମିର ବିବରଣୀ ଦେଇ ମଧ୍ୟ ନାମ ପଞ୍ଜୀକରଣ କରାଯାଇପାରିବ। ରାଜ୍ୟ ସରକାର ଆସନ୍ତା ନଭେମ୍ବର ପହିଲାରୁ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛନ୍ତି।

***Desk***

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ପ୍ରାୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

******